ଓଡ଼ିଶା ମୋ ପରିବାର
All for each, each for all

ଓଡ଼ିଶା-ମୋ ପରିବାର
# ନ୍ୟୁଜ୍‌ଲେଟର

ବର୍ଷ-୫ ■ ସଂଖ୍ୟା - ୩୮ | ଫେବୃଆରୀ ୨୦୨୪

## ଭିତର ପୃଷ୍ଠାରେ


- ୭ ବର୍ଷ ପରେ ଉଦ୍ଧାର ହେଲେ ତାରାକାନ୍ତ
- ବି.ଏସ୍.କେ.ୱାଇ.ମାଧ୍ୟମରେ ଚିକିତ୍ସା, ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୨

- ବେଙ୍ଗାଲୁରୁରୁ କେନ୍ଦ୍ରାପଡ଼ାକୁ ମୃତଦେହ ସ୍ଥାନାନ୍ତର
- କଟକରୁ ମୟୂରଭଞ୍ଜକୁ ମୃତଦେହ ସ୍ଥାନାନ୍ତର

ପୃଷ୍ଠା-୩

- ବେଙ୍ଗାଲୁରୁରୁ ଫେରିଲା ମୃତଦେହ; ସହାୟତା କଲା ଓଡ଼ିଶା-ମୋ ପରିବାର
- ବେଙ୍ଗାଲୁରୁରୁ ଫେରିଲା ମୃତଦେହ; ସହାୟତା କଲା ଓଡ଼ିଶା-ମୋ ପରିବାର

ପୃଷ୍ଠା-୪

- ବିଶାଖାପାଟଣାରୁ ପୁରୀକୁ ମୃତଦେହ ସ୍ଥାନାନ୍ତରଣ
- ବେଙ୍ଗାଲୁରୁରୁ କନ୍ଧମାଳକୁ ମୃତଦେହ ସ୍ଥାନାନ୍ତରଣ

ପୃଷ୍ଠା-୫

- ଶୋକସନ୍ତପ୍ତ ପରିବାରକୁ ମୃତଦେହ ହସ୍ତାନ୍ତର ଏବଂ ଯାତାୟାତ ସହାୟତା
- ମୃତଦେହକୁ ହସ୍ତାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା
- ବସ୍ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା

ପୃଷ୍ଠା-୬

- ଭୁବନେଶ୍ୱରରୁ ଗଞ୍ଜାମକୁ ମୃତଦେହ ସ୍ଥାନାନ୍ତରଣ, ଓଡ଼ିଶା-ମୋ ପରିବାରର ସହାୟତା
- ବିଶାଖାପାଟଣାରୁ ଗଞ୍ଜାମକୁ ମୃତଦେହ ସ୍ଥାନାନ୍ତରଣ

ପୃଷ୍ଠା-୭

- ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

ପୃଷ୍ଠା-୮

- 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ପୃଷ୍ଠା-୧୦

- ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ପୃଷ୍ଠା-୧୧

- ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ

ପୃଷ୍ଠା-୧୨

- ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା
- ଫେବୃଆରୀ ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

ପୃଷ୍ଠା-୧୩


# ମୃତ୍ୟୁପରେ ଅଙ୍ଗଦାନ କରି ଅମର ରହିଲେ ଦମୟନ୍ତୀ



ପୁରୀ ସ୍ୱର୍ଗଦ୍ୱାରରେ ଦମୟନ୍ତୀଙ୍କ ଶେଷକୃତ୍ୟ ସମୟରେ ଉପସ୍ଥିତ ଓଡ଼ିଶା-ମୋ ପରିବାର ସଦସ୍ୟ

କିଡ଼ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ ୧୪ ବର୍ଷୀୟା କିଶୋରୀ ଦମୟନ୍ତୀ ମହନ୍ତ । ଏହି କିଡ଼ନୀ ରୋଗ କ୍ରମଶଃ ଶରୀରର ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ କରିଥିଲା । ଏହା ମସ୍ତିଷ୍କକୁ ଏତେ ପ୍ରଭାବିତ କରିଥିଲା ଯେ, ଡାକ୍ତରଙ୍କ କଠିନ ପରିଶ୍ରମରେ ମଧ୍ୟ ତାଙ୍କ ମସ୍ତିଷ୍କ କାର୍ଯ୍ୟକ୍ଷମ ହୋଇପାରିନଥିଲା। ଶେଷରେ ଗତ ଫେବୃଆରୀ ୨୦ ତାରିଖରେ ଡାକ୍ତର ତାଙ୍କୁ ମସ୍ତିଷ୍କ ମୃତ ଘୋଷଣା କରିଥିଲେ ।

ଦମୟନ୍ତୀଙ୍କ ଏପରି ଅବସ୍ଥା ବିଷୟରେ ଜାଣିବାପରେ ଭୁବନେଶ୍ୱର ଏମ୍ସର ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ତାଙ୍କର ପରିବାର ଲୋକଙ୍କ ପାଖରେ ପହଞ୍ଚି ଅଙ୍ଗଦାନ ଭଳି ମହତ୍ କାର୍ଯ୍ୟ ବିଷୟରେ ବୁଝାଇଥିଲେ । ଅବିସ୍ମରଣୀୟ ଦୁଃଖର ସମ୍ମୁଖୀନ ହୋଇ ଦମୟନ୍ତୀଙ୍କ ପରିବାର ଲୋକେ ଏକ ଉଲ୍ଲେଖନୀୟ ନିଷ୍ପତ୍ତି ନେଇଥିଲେ – ତାଙ୍କର ଅଲିଅଳି ଦମୟନ୍ତୀଙ୍କୁ ଜୀବିତ ଅଛି ବୋଲି ଭାବିବା ଏବଂ ଅନ୍ୟ କାହାର ବହୁମୂଲ୍ୟ ଜୀବନ ବଞ୍ଚିଯିବ, ଏହି ମହତ୍ ଉଦ୍ଦେଶ୍ୟ ପାଇଁ ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇଥିଲେ । ଦମୟନ୍ତୀଙ୍କ ମୃତ୍ୟୁପରେ, ଭୁବନେଶ୍ୱରର AIIMSରେ ଏକ ଡାକ୍ତରୀ ଦଳ ଦମୟନ୍ତୀଙ୍କ ଅଙ୍ଗ ସୂକ୍ଷ୍ମ ପ୍ରଣାଳୀରେ ବାହାର କରାଯାଇ ଭିନ୍ନ ଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଗ୍ରୀନ୍ କରିଡରର ବ୍ୟବସ୍ଥା କରାଯାଇଥିଲା । ଏହି ସମୟରେ ଓଡ଼ିଶା-ମୋ ପରିବାର ସ୍ୱାସ୍ଥ୍ୟ ଉପଦେଷ୍ଟା ଡା. ସତ୍ୟଜିତ ଦାଶ ଉପସ୍ଥିତ ରହି ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ ।



"ଦମୟନ୍ତୀ ଆଉ ଆମ ସହିତ ନାହିଁ, କିନ୍ତୁ ସେ ଅନ୍ୟମାନଙ୍କୁ ଦେଇଥିବା ଜୀବନର ଉପହାର ମାଧ୍ୟମରେ ତାଙ୍କ ଆତ୍ମା ବଞ୍ଚିଛି । ତେଣୁ "ଅଙ୍ଗ ଦାନ କରିବା ଏବଂ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବାକୁ ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ ବୋଲି ଅଶ୍ରୁଳ ଆଖିରେ ଦମୟନ୍ତୀଙ୍କ ମାତା ପିତା ଜନସାଧାରଣଙ୍କୁ ଆହ୍ୱାନ କରିଛନ୍ତି ।

ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଏହା ପୂର୍ବରୁ ଘୋଷଣା କରିଥିଲେ ଯେ ଅଙ୍ଗ ଦାତାମାନଙ୍କର ଶେଷ ରୀତିନୀତି ସେମାନଙ୍କ ବଳିଦାନ ଏବଂ ସାହସିକତାକୁ ସମ୍ମାନ ଜଣାଇ ରାଜ୍ୟ ସମ୍ମାନ ପୃ-୩

# ୭ ବର୍ଷ ପରେ ଉଦ୍ଧାର ହେଲେ ତାରାକାନ୍ତ

ତିନି ତିନୋଟି ଝିଅଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ଅସହାୟ ବାପା କିଛି ଅର୍ଥ ଉପାର୍ଜନ କରିବା ଲୋଭରେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ତାରାକାନ୍ତ ମଲ୍ଲିକ (୪୨ବର୍ଷ) ଦୀର୍ଘ ୭ବର୍ଷ ପୂର୍ବରୁ ଜଣେ ଦଲାଲଙ୍କ ପ୍ରରୋଚନାରେ ସୁଦୂର ମାଲେସିଆକୁ ଯାଇଥିଲେ । କିନ୍ତୁ, ସେଠାରେ ପହଞ୍ଚିଲା ପରେ କଥା ଓଲଟା ହୋଇଯାଇଥିଲା । ଉକ୍ତ କମ୍ପାନୀ ତାରାକାନ୍ତଙ୍କୁ ନିୟମିତ ଦରମା ନଦେଇ ତାଙ୍କଠାରୁ ଅଧିକ କାମ ମଧ୍ୟ ଆଦାୟ କରୁଥିଲା । ସେଠାରେ ତାଙ୍କୁ ଉଭୟ ଶାରୀରିକ ଓ ଆର୍ଥିକ ନିର୍ଯାତନା ଦିଆଯାଉଥିଲା । ଅସହାୟ ହୋଇ ତାରାକାନ୍ତ ପରିବାରକୁ ସବୁ କଥା ଜଣାଇବା ପରେ, ତାଙ୍କ ସାନ ଭାଇ ଓଡ଼ିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ ।


ଭୁବନେଶ୍ୱର ବିମାନ ବନ୍ଦରରେ ତାରାକାନ୍ତଙ୍କ ସହିତ ଓଡ଼ିଶା-ମୋ ପରିବାର ଦସସ୍ୟ

ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ତାରକାନ୍ତଙ୍କୁ ଗ୍ଲୋବାଲ ଓଡ଼ିଆ ଭଲେଣ୍ଟିୟର୍ସର ପ୍ରତିଷ୍ଠାତା ଶ୍ରୀ ସଞ୍ଜୟ ଦଳାଇଙ୍କ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା । ତାଙ୍କ ଅସହାୟତାକୁ ଦୃଷ୍ଟିରେ ରଖି ତୁରନ୍ତ ତାଙ୍କୁ ଓଡ଼ିଶା ଫେରାଇ ଆଣିବାର ବନ୍ଦୋବସ୍ତ କରାଯାଇଥିଲା । ଓଡ଼ିଶା-ମୋ ପରିବାର ଏବଂ ଶ୍ରୀ ଦଳାଇଙ୍କ ଅଦମ୍ୟ ପ୍ରଚେଷ୍ଟା ପରେ ଆଜି ତାରାକାନ୍ତ ମାଲେସିଆରୁ ଓଡ଼ିଶା ଫେରିଛନ୍ତି ।

ଦୀର୍ଘ ୭ବର୍ଷ ପରେ ତାରାକାନ୍ତଙ୍କୁ ପରିବାରବର୍ଗ ପାଖରେ ପାଇ ଖୁସିରେ ଭାବବିହ୍ୱଳ ହୋଇପଡ଼ିଥିଲେ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ଓଡ଼ିଶା-ମୋ ପରିବାର, ଗ୍ଲୋବାଲ ଓଡ଼ିଆ ଭଲେଣ୍ଟିୟର୍ସ ଏବଂ ଆନ୍ତର୍ଜାତୀୟ ମାନବ ଅଧିକାର ରକ୍ଷାକାରୀ ଟିମକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।

# ବି.ଏସ୍.କେ.ୱାଇ.ମାଧ୍ୟମରେ ଚିକିତ୍ସା, ସହାୟତା ଯୋଗାଇଲା ଓଡ଼ିଶା-ମୋ ପରିବାର

ଉଚ୍ଚ ରକ୍ତଚାପରେ ପୀଡ଼ିତ କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ଅଞ୍ଚଳର ବାସିନ୍ଦା ଦୋଳଗୋବିନ୍ଦ ବାରିକଙ୍କୁ ଜରୁରୀ ଚିକିତ୍ସା ଆବଶ୍ୟକ ଥିଲା । ପରିବାରବର୍ଗ ସମ୍ ହସ୍ପିଟଲରେ ଥିବା ହେଲ୍ପଡେସ୍କ ସହଯୋଗୀ ରଶ୍ମୀ ରଂଜନ ପ୍ରଧାନଙ୍କ ସହଯୋଗ ଲୋଡ଼ିବା ପରେ, ରଶ୍ମୀ ରୋଗୀଙ୍କୁ ସଙ୍ଗେସଙ୍ଗେ ସହାୟତାର ହାତ ବଢାଇ ଆଡ଼ମିଶନ ପ୍ରକ୍ରିୟାରେ ଆବଶ୍ୟକୀୟ ସାହାଯ୍ୟ ଯୋଗାଇ ଦେଇଥିଲେ। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିଥିଲେ । ଏଥିସହ ବିଧାୟିକା ଶ୍ରୀମତୀ ସାବିତ୍ରୀ ଅଗ୍ରୱାଲାଙ୍କ ପ୍ରତିନିଧି, ଶ୍ରୀ ସଞ୍ଜୟ ଅଗ୍ରୱାଲା, ମଧ୍ୟ ରୋଗୀଙ୍କୁ ଦେଖିବା ପାଇଁ ଡାକ୍ତରଖାନା ପହଞ୍ଚିଥିଲେ।


ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଜଣେ ରୋଗୀ

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ରୋଗୀ ମାନେ ଯେଉଁପ୍ରକାର ଅସାଧ ସହାୟତା ପାଇ ପାରୁଛନ୍ତି, ସେଥିପାଇଁ ଦୋଳଗୋବିନ୍ଦ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ବେଙ୍ଗାଲୁରୁରୁ କେନ୍ଦ୍ରାପଡ଼ାକୁ ମୃତଦେହ ସ୍ଥାନାନ୍ତର

କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଅଞ୍ଚଳର ସନ୍ତପଡା ଗ୍ରାମର ୩୮ ବର୍ଷିୟ ଯୁବକ ଶ୍ରୀକାନ୍ତ କୁମାର ମହାନ୍ତି ବେଙ୍ଗାଲୁରୁରେ କାମ କରି ନିଜର ପରିବାର ପ୍ରତିପୋଷଣ କରୁଥିଲେ । ଅସୁସ୍ଥତା ଅନୁଭବ କରୁ ଥିବାରୁ ସେ କାମକୁ ଯାଇ ପାରୁନଥିଲେ। ଦେହ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ସେଠାରେ ଥିବା ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଉଥିବାବେଳେ ଦୁର୍ଭାଗ୍ୟବଶତଃ, ତାଙ୍କର ମୃତ୍ୟୁ ହୋଇଯାଇଥିଲା । କିଛି ଆଇନଗତ ସମସ୍ୟା ଥିବା ହେତୁ ପୋଷ୍ଟମୋର୍ଟମ ପ୍ରକ୍ରିୟାରେ ବିଳମ୍ବ ହେଉଥିଲା ।

ଅର୍ଥାଭାବରେ ଥିବା ପରିବାରବର୍ଗ ନିଜର ଏକମାତ୍ର ରୋଜଗାରକ୍ଷମ ସଦସ୍ୟଙ୍କୁ ହରାଇ ଦୁଃଖରେ ଭାଙ୍ଗିପଡ଼ିଥିଲେ ।

ଶ୍ରୀକାନ୍ତଙ୍କ ମୃତଦେହକୁ ଆଣିବା ପାଇଁ ପରିବାରବର୍ଗ ବେଙ୍ଗାଲୁରୁକୁ ଯିବା ପାଇଁ ସକ୍ଷମ ନଥିଲେ। ତାଙ୍କର ଅସହାୟତା ସମ୍ପର୍କରେ ଜଣେ ସମାଜସେବୀ ଜାଣିବା ପରେ ଓଡିଶା-ମୋ ପରିବାରର ସ୍ୱାସ୍ଥ୍ୟ ଉପଦେଷ୍ଟା ଡ଼ଃ ସତ୍ୟଜିତ୍ ଦାଶଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ ପାଇଁ ସହାୟତା ଲୋଡିଥିଲେ।


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ବେଙ୍ଗାଲୁରୁରେ ଥିବା ସମାଜସେବୀ ଶ୍ରୀ ସଂଜୟ ଦାଶଙ୍କୁ ଏହି ବିଷୟରେ ଅବଗତ କରାଯାଇଥିଲା ଏବଂ ତାଙ୍କ ସଂଯୋଜନାରେ ସ୍ୱର୍ଗତଃ ଶ୍ରୀକାନ୍ତଙ୍କ ମୃତଦେହକୁ ଓଡ଼ିଶା ଫେରାଇ ଆଣିବାକୁ ପ୍ରଚେଷ୍ଟା କରାଯାଇଥିଲା । ଭୁବନେଶ୍ୱର ବିମାନବନ୍ଦରେ ଓଡ଼ିଶା-ମୋ ପରିବାର ଏବଂ ଓଡ଼ିଶା ପରିବାରର ପ୍ରତିନିଧିମାନଙ୍କ ଉପସ୍ଥିତିରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା । ତେବେ ମୃତଦେହକୁ ଅନ୍ତିମ ସଂସ୍କାର ପାଇଁ ଭୁବନେଶ୍ୱରରୁ କେନ୍ଦ୍ରାପଡ଼ାସ୍ଥିତ ନିଜ ଗ୍ରାମ ସନ୍ତପଡ଼ାକୁ ଯିବାପାଇଁ ଓଡ଼ିଶା-ମୋ ପରିବାର ପକ୍ଷରୁ ଯାତାୟାତ ବ୍ୟବସ୍ଥା ମଧ୍ୟ କରାଯାଇଥିଲା।

# କଟକରୁ ମୟୂରଭଞ୍ଜକୁ ମୃତଦେହ ସ୍ଥାନାନ୍ତର


ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

କିଡ଼ନୀ ରୋଗରେ ପୀଡ଼ିତ ମୟୂରଭଞ୍ଜ ଜିଲ୍ଲାର ୬୫ ବର୍ଷିୟ ବାସିନ୍ଦା ଗିରିଧାରୀ ମହନ୍ତଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ କୁମାର ଦାସ ରୋଗୀ ଏବଂ ପରିବାରକୁ ଚିକିତ୍ସା ସମୟରେ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ଦୁର୍ଭାଗ୍ୟବଶତଃ, ଗିରିଧାରୀ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ, ତାଙ୍କ ମୃତ୍ୟୁ ଖବର ପାଇବା ପରେ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ଅସହାୟ ହୋଇ ପରିବାରବର୍ଗ ମୃତଦେହ ସ୍ଥାନାନ୍ତର ପାଇଁ ଓଡ଼ିଶା-ମୋ ପରିବାରର ସହଯୋଗ ଲୋଡ଼ିଥିଲେ ।

ଘଟଣା ସମ୍ପର୍କରେ ଖବର ପାଇବା ପରେ ସନ୍ତୋଷ ହସ୍ପିଟାଲରେ ପହଞ୍ଚି ମୃତଦେହକୁ ମୟୂରଭଞ୍ଜକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲେ ।

*ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...*

## ମୃତ୍ୟୁପରେ ଅଙ୍ଗଦାନ...




ସହ ପାଳନ କରାଯିବା। ଯେହେତୁ ଦମୟନ୍ତୀଙ୍କ ମାତା ପିତାଙ୍କ ଇଚ୍ଛାଥିଲା ତାଙ୍କର ଝିଅର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସଂପନ୍ନ କରିବାପାଇଁ ତାଙ୍କର ଏହି ଇଚ୍ଛାକୁ ସମ୍ମାନ ଜଣାଇ ଦମୟନ୍ତୀର ଶେଷକୃତ୍ୟ ଆଜି ରାଷ୍ଟ୍ରୀୟ ମର୍ଯ୍ୟଦା ସହିତ ପୁରୀ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ କରାଯାଇଛି । ଏହି ସମୟରେ ପୁରୀ ସ୍ୱର୍ଗଦ୍ୱାରଠାରେ ଓଡ଼ିଶା-ମୋ ପରିବାର ତରଫରୁ ଓଡ଼ିଶା ମୋ ପରିବାର-ଜୀବନବିନ୍ଦୁ ଯୁଗ୍ମ ସଂଯୋଜକ ଶ୍ରୀ ଷ୍ଟାଲିନ୍ ପରିଜା, ପୁରୀ ଜିଲ୍ଲା ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ସୂଚନା ଏବଂ ଲୋକ ସଂପର୍କ ଅଧିକାରୀ ଶ୍ରୀ ସନ୍ତୋଷ ସେଠୀ ପ୍ରମୁଖଙ୍କ ଉପସ୍ଥିତ ରହି ଦମୟନ୍ତୀଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ ।

# ବେଙ୍ଗାଲୁରୁରୁ ଫେରିଲା ମୃତଦେହ; ସହାୟତା କଲା ଓଡ଼ିଶା-ମୋ ପରିବାର

ସୋନପୁର ଜିଲ୍ଲା ଗରିଆମୁଣ୍ଡା ଅଞ୍ଚଳର ୨୫ ବର୍ଷିୟ ବାସିନ୍ଦା ଅଚ୍ୟୁତ ନାୟକ ଗତ ୨ ବର୍ଷ ଧରି ବେଙ୍ଗାଲୁରୁର ଏକ କାରଖାନାରେ କାର୍ଯ୍ୟ କରୁଥିଲେ। ହଠାତ୍ ଛାତିରେ ଯନ୍ତ୍ରଣା ଏବଂ ଜ୍ୱର ହେତୁ ସେ ଅସୁସ୍ଥତା ଅନୁଭବ କରୁଥିବାରୁ କାମକୁ ନଯାଇ ବିଶ୍ରାମ କରୁଥିଲେ । ଯନ୍ତ୍ରଣା ଅସହ୍ୟ ହେବାରୁ ତାଙ୍କ ସହକର୍ମୀମାନେ ତାଙ୍କୁ ନିକଟସ୍ଥ ହସ୍ପିଟାଲକୁ ନେଇଥିଲେ।

ଦୁର୍ଭାଗ୍ୟବଶତଃ, ଚିକିତ୍ସା ଚାଲିଥିବା ବେଳେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଅଚ୍ୟୁତ ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ। ତାଙ୍କର ଅକାଳ ବିୟୋଗରେ ସମ୍ପୂର୍ଣ୍ଣ ପରିବାର ଭାଙ୍ଗି ପଡ଼ିଥିଲେ ଓ ଶେଷ ମୁହୂର୍ତ୍ତରେ ପୁଅର ମୁହଁ ଟିକକ ଦେଖିବା ପାଇଁ ବ୍ୟାକୁଳ ହେଉଥିଲେ । ବେଙ୍ଗାଲୁରୁରୁ ଭୁବନେଶ୍ୱର ବିମାନବନ୍ଦରକୁ ମୃତ ଶରୀର ସ୍ଥାନାନ୍ତର କରିବା ପାଇଁ କମ୍ପାନୀ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲା। ଯେହେତୁ ପରିବାରର ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନଥିଲା, ସେମାନେ ଭୁବନେଶ୍ୱର ବିମାନ ବନ୍ଦରରୁ ନିଜ ଗ୍ରାମକୁ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଓଡ଼ିଶା-ମୋ ପରିବାରକୁ ଯୋଗାଯୋଗ କରିଥିଲେ।



ମୃତକଙ୍କ ପରିବାର ଲୋକଙ୍କ ପାଖରେ ପହଞ୍ଚିବାପରେ ଜୀବନବିନ୍ଦୁ ସଂଯୋଜକ ଶ୍ରୀ ରଞ୍ଜିତ ରଥ

ସୂଚନା ପାଇବା ପରେ ଓଡିଶା-ମୋ ପରିବାର ଟିମ୍ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚି ମୃତଦେହ ସ୍ଥାନାନ୍ତର କରିବା ପାଇଁ ଜୀବନ ବିନ୍ଦୁ ସଂଯୋଜକ (ସୋନପୁର) ଶ୍ରୀ ରଞ୍ଜିତ ରଥଙ୍କ ସହ ଆଲୋଚନା କରିଥିଲେ। ଶ୍ରୀ ରଥଙ୍କ ସହଯୋଗରେ ଭୁବନେଶ୍ୱର ବିମାନ ବନ୍ଦରରୁ ସୋନପୁରସ୍ଥିତ ତାଙ୍କ ଗ୍ରାମକୁ ମୃତଦେହ ସ୍ଥାନାନ୍ତର ପାଇଁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଥିଲା।

ସୋନପୁରରେ ମୃତଦେହ ପହଞ୍ଚିବା ପରେ ଶ୍ରୀ ରଥ ଶେଷ ରୀତିନୀତି ସମୟରେ ପରିବାର ପାଖରେ ପହଞ୍ଚି ସେମାନଙ୍କୁ ସାନ୍ତ୍ୱନା ଦେଇଥିଲେ।

# ବେଙ୍ଗାଲୁରୁରୁ ଫେରିଲା ମୃତଦେହ; ସହାୟତା କଲା ଓଡ଼ିଶା-ମୋ ପରିବାର



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ରାୟଗଡ଼ା ଜିଲ୍ଲା ବଡ଼ଖାଲ ଅଞ୍ଚଳର ୨୦ ବର୍ଷିୟ ବାସିନ୍ଦା ଶ୍ରୀନିବାସ ତାଡ଼ିଙ୍ଗି ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଏବଂ ତାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଥିଲା।

ଦୁର୍ଭାଗ୍ୟବଶତଃ ଚିକିତ୍ସା ଚାଲିଥିବା ବେଳେ ଶ୍ରୀନିବାସ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ପୁଅର ଦେହାନ୍ତ ଖବର ପାଇବା ପରେ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡ଼ିଥିଲେ।

ରାୟଗଡ଼ାକୁ ମୃତ ଶରୀର ସ୍ଥାନାନ୍ତର କରିବା ପାଇଁ ପରିବାର ବର୍ଗଙ୍କ ପାଖରେ ସମ୍ବଳ ନଥିଲା। ତେଣୁ ସେମାନେ ଓଡ଼ିଶା-ମୋ ପରିବାରର ସହଯୋଗ ଲୋଡ଼ିଥିଲେ ।

ସୂଚନା ପାଇବା ପରେ, କଟକ ବଡ଼ ମେଡ଼ିକାଲରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ କୁମାର ଦାସ ପରିବାରବର୍ଗଙ୍କ ପାଖରେ ପହଞ୍ଚି ପୋଷ୍ଟମର୍ଟମ ପାଇଁ ଡାକ୍ତରଖାନାରେ ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ମୃତଦେହକୁ ଡାକ୍ତରଖାନାରୁ ରାୟଗଡ଼ା ସ୍ଥାନାନ୍ତର କରିବା ପାଇଁ ପରିବାରକୁ ସାହାଯ୍ୟ କରିଥିଲେ।

# ବିଶାଖାପାଟଣାରୁ ପୁରୀକୁ ମୃତଦେହ ସ୍ଥାନାନ୍ତରଣ

ବ୍ରେନ ଟ୍ୟୁମର ରୋଗ ଚିହ୍ନଟ ହୋଇଥିବା ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅଞ୍ଚଳର ୪୦ ବର୍ଷିୟା ଯୁବତୀ ସଙ୍ଗୀତା ପଣ୍ଡାଙ୍କୁ ଚିକିତ୍ସା ପାଇଁ ବିଶାଖାପାଟଣାସ୍ଥିତ ମହାତ୍ମା ଗାନ୍ଧୀ କ୍ୟାନ୍ସର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।

ସେଠାରେ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା, ରୋଗୀଙ୍କୁ ଭେଟି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆଡ଼ମିଶନ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ । ଦୁର୍ଭାଗ୍ୟବଶତଃ, ସଙ୍ଗୀତା ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ବିୟୋଗରେ ପରିବାର ବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡିଥିଲେ । ପରିବାରବର୍ଗ ସଙ୍ଗୀତାଙ୍କ ଶେଷ ରୀତିନୀତି କରିବା ପାଇଁ ମୃତ ଶରୀରକୁ ପୁରୀକୁ ସ୍ଥାନାନ୍ତର କରିବାକୁ ଚାହୁଁଥିଲେ, କିନ୍ତୁ ଆର୍ଥିକ ଚପରେ ଥିବାରୁ ଓଡ଼ିଶା-ମୋ ପରିବାରର ସହାୟତା ଲୋଡିଥିଲେ। ପ୍ରକାଶ ବେହେରା, ପରିବାରବର୍ଗଙ୍କୁ ଡାକ୍ତରଖାନାରେ ଆବଶ୍ୟକୀୟ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ମୃତଦେହକୁ ଡାକ୍ତରଖାନାରୁ ପୁରୀ ସ୍ୱର୍ଗଦ୍ୱାରକୁ ସ୍ଥାନାନ୍ତର କରିବା ପାଇଁ ସାହାଯ୍ୟ କରିଥିଲେ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ବେଙ୍ଗାଲୁରୁରୁ କନ୍ଧମାଳକୁ ମୃତଦେହ ସ୍ଥାନାନ୍ତରଣ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ପୁସଙ୍ଗିଆ ଅଞ୍ଚଳର ଜଣେ ୨୧ବର୍ଷିୟ ଯୁବକ ସନ୍ତୋଷ କୁମାର ପାତ୍ର ଗତ ୩ବର୍ଷରୁ ବେଙ୍ଗାଲୁରୁରେ ରହି କାମ କରୁଥିଲେ ।

ଦିନେ, ସନ୍ତୋଷ କାମକୁ ଯାଉଥିବାବେଳେ, ଲେଭଲ୍ କ୍ରସିଂରେ ଏକ ଟ୍ରେନ୍ ଧକ୍କାରେ ସେହି ସ୍ଥାନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲା। ପରିବାର କହିଲେ ତାଙ୍କର ବାପା, ମା' ଓ ସାନ ଭାଇ, ଯେଉଁମାନେ ମୂଲ ଲାଗି ନିଜ ଘର ଚଳାନ୍ତି। ପୁଅର ଅଚାନକ ମୃତ୍ୟୁରେ ପରିବାରବର୍ଗ ଦୁଃଖରେ ଭାଙ୍ଗି ପଡ଼ିଥିଲେ ଓ ଶେଷ ମୁହୂର୍ତ୍ତରେ ପୁଅର ମୁହଁ ଟିକକ ଦେଖିବା ପାଇଁ ବ୍ୟାକୁଳ ହେଉଥିଲେ ।

କର୍ଣ୍ଣାଟକରୁ ଭୁବନେଶ୍ୱର ବିମାନବନ୍ଦରକୁ ମୃତ ଶରୀର ସ୍ଥାନାନ୍ତର କରିବା ପାଇଁ କମ୍ପାନୀ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା କରିଥିଲା। କିନ୍ତୁ ଭୁବନେଶ୍ୱରରୁ ନିଜ ଘରକୁ ମୃତ ଶରୀର ସ୍ଥାନାନ୍ତର କରିବା ପାଇଁ ଆର୍ଥିକ ଚାପରେ ଥିବାରୁ ପରିବାର ଲୋକେ ଓଡ଼ିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ।

ସୂଚନା ପାଇବା ପରେ ଓଡିଶା-ମୋ ପରିବାର, ଓଡିଶା ପରିବାର ସହ ଆଲୋଚନା କରିଥିଲା ଏବଂ ଉଭୟ ଅନୁଷ୍ଠାନର ଟିମ୍ ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନବନ୍ଦରରେ ଉପସ୍ଥିତ ରହି ସନ୍ତୋଷଙ୍କ ମୃତଶରୀରକୁ କନ୍ଧମାଳସ୍ଥିତ ନିଜ ବାସଭବନକୁ ପଠାଇବାର ବ୍ୟବସ୍ଥା କରିଥିଲେ । ଏହିପରି ନିରନ୍ତର ଭାବେ ଅସହାୟ ଲୋକଙ୍କ ସହାୟତା ପାଇଁ ଓଡ଼ିଶା- ପରିବାର ଏବଂ ଓଡ଼ିଶା-ମୋ ପରିବାର ସରକାରଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ଶୋକସନ୍ତପ୍ତ ପରିବାରକୁ ମୃତଦେହ ହସ୍ତାନ୍ତର ଏବଂ ଯାତାୟାତ ସହାୟତା

ଯାଜପୁର ଜିଲ୍ଲା ସାଉଦିଆ ଅଞ୍ଚଳର ୭୫ ବର୍ଷିୟ ବାସିନ୍ଦା ଅରକ୍ଷୀତ ସାମଲ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ।

ଚିକିତ୍ସା ଚାଲିଥିବା ସମୟରେ ଅରକ୍ଷୀତଙ୍କ ଅବସ୍ଥା ବିଗିଡି ଯାଇଥିଲା ଏବଂ ଡାକ୍ତରଙ୍କ ସମସ୍ତ ଚେଷ୍ଟା ସତ୍ତ୍ୱେ ସେ ବଞ୍ଚି ପାରିନଥିଲେ।

ଶୋକସନ୍ତପ୍ତ ପରିବାରବର୍ଗ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ ଆର୍ଥିକ ଚାପରେ ଥିଲେ, ତେଣୁ ଓଡିଶା-ମୋ ପରିବାରର ସହାୟତା ଲୋଡ଼ିଥିଲେ । ଯାଜପୁର ଜିଲ୍ଲା ପରିଷଦର ସଦସ୍ୟ ତଥା ଉପସଭାପତି (ବିଜେଡି) ଶ୍ରୀ ଗଣେଶ ବରାଳଙ୍କ ସହଯୋଗରେ ମୃତ ଶରୀରକୁ ହସ୍ପିଟାଲରୁ ଯାଜପୁର ପଠାଇବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

ସେମାନଙ୍କ ଅସହାୟ ସମୟରେ ସହାୟତା ପାଇଥିବାରୁ ପରିବାର ଲୋକେ ଶ୍ରୀ ବରାଳ ଏବଂ ଓଡ଼ିଶା-ମୋ ପରିବାରକୁ ଗଭୀର କୃତଜ୍ଞତା ଜଣାଇଥିଲେ ।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ମୃତଦେହକୁ ହସ୍ତାନ୍ତର ପାଇଁ ଯାତାୟାତ ବ୍ୟବସ୍ଥା

ମୟୂରଭଞ୍ଜ ଜିଲ୍ଲାର ତୋଟାପଡ଼ା ଅଞ୍ଚଳର ୫୭ବର୍ଷିୟ ରଞ୍ଜିତ ଧର ମହାପାତ୍ର, କିଡ଼ନୀ ଜନିତ ସମସ୍ୟାରେ ପୀଡ଼ିତ ହୋଇ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଦୁର୍ଭାଗ୍ୟବଶତଃ, ସେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ । ପରିବାରବର୍ଗ ଘରର ମୁରବୀଙ୍କୁ ହରାଇ ଦୁଃଖରେ ଭାଙ୍ଗି ପଡ଼ିଥିଲେ ଓ ଆର୍ଥିକ ଚାପରେ ଥିବାରୁ ଶେଷକୃତ୍ୟ ନିମନ୍ତେ ମୃତଦେହ ସ୍ଥାନାନ୍ତର କରିବା ପାଇଁ ଅସହାୟ ହୋଇପଡ଼ିଥିଲେ ।

ଘଟଣା ସମ୍ପର୍କରେ ଏକ ପ୍ରମୁଖ ଗଣମାଧ୍ୟମ ପ୍ରତିନିଧି ସୂଚନା ପାଇବା ପରେ ବିଜୁ ଜନତା ଦଳ ତଥା ଓଡ଼ିଶା-ମୋ ପରିବାର ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ନାରାୟଣ ସାମନ୍ତରାୟଙ୍କୁ ସୂଚନା ଦେଇଥିଲେ। ଏହାପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ମୃତଦେହ ସ୍ଥାନାନ୍ତର ନିମନ୍ତେ ଯାତାୟାତ ସହାୟତା ଯୋଗାଇ ଦିଆଯାଇଥିଲା । ଏହି ସମୟରେ ଶ୍ରୀ ସାମନ୍ତରାୟଙ୍କ ସମେତ କ୍ୟାପିଟାଲ ହସ୍ପିଟାଲର ହେଲ୍ପଡେସ୍କ ସହଯୋଗୀ ଆଲୋକ ଓ ଜ୍ୟୋତି ଉପସ୍ଥିତ ରହି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହିତ ପ୍ରକ୍ରିୟାକୁ ସଂଯୋଜନା କରିଥିଲେ ।

ଆବଶ୍ୟକ ସମୟରେ ସହାୟତାର ହାତ ବଢାଇଥିବାରୁ ପରିବାରବର୍ଗ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।




ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

# ବସ୍ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା



କଟକ ବଡ଼ ମେଡ଼ିକାଲରେ ରୋଗୀଙ୍କ ସହିତ ସନ୍ତୋଷ

ଫେବୃଆରୀ ୧୫ ତାରିଖରେ କଟକସ୍ଥିତ ଗୋପାଳପୁର ଛକରେ ଏକ ଘରୋଇ ବସ୍ ଦୁର୍ଘଟଣାର ସମ୍ମୁଖୀନ ହେବା ପରେ ୪୦ରୁ ଅଧିକ ଯାତ୍ରୀ ଆହତ ହୋଇଥିଲେ। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ବସ୍ ଡ୍ରାଇଭର ହଠାତ୍ ଗାଡି ଆଗରେ ଆସିଥିବା ଜଣେ ସାଇକେଲ୍ ଚାଳକଙ୍କୁ ବଞ୍ଚେଇବାକୁ ଚେଷ୍ଟା କରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ଯଦିଓ ସାଇକେଲ ଚାଳକ ଉଦ୍ଧାର ହୋଇଥିଲେ, ଡ୍ରାଇଭର ଷ୍ଟିଅରିଂ ଉପରେ ନିୟନ୍ତ୍ରଣ ହରାଇ ଥିବାରୁ ବସ୍ ଟି ରାସ୍ତାରେ ଓଲଟି ପଡିଥିଲା।

ଆହତ ଯାତ୍ରୀମାନଙ୍କୁ ବିଳମ୍ବିତ ରାତିରେ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। କଟକରେ ଥିବା ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସ ପରିସ୍ଥିତି ବିଷୟରେ ଜାଣିବା ପରେ ହସ୍ପିଟାଲକୁ ଯାଇ ଆହତ ରୋଗୀ ଏବଂ ସେମାନଙ୍କ ପରିବାରକୁ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ।

# ଭୁବନେଶ୍ୱରରୁ ଗଞ୍ଜାମକୁ ମୃତଦେହ ସ୍ଥାନାନ୍ତରଣ, ଓଡ଼ିଶା-ମୋ ପରିବାରର ସହାୟତା

କର୍କଟ ରୋଗରେ ପୀଡ଼ିତ ଗଞ୍ଜାମ ଜିଲ୍ଲାର ୩୦ ବର୍ଷୀୟ ବାସିନ୍ଦା ମହେଶ୍ୱର ପଣ୍ଡାଙ୍କୁ ପ୍ରଥମେ ବ୍ରହ୍ମପୁରସ୍ଥିତ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶ କ୍ରମେ ପରବର୍ତ୍ତୀ ଚିକିତ୍ସା ପାଇଁ ମହେଶ୍ୱରଙ୍କୁ ଭୁବନେଶ୍ୱରସ୍ଥିତ ଏମ୍ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା ।




ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଓଡ଼ିଶା ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ରୋଗୀଙ୍କୁ ଆଡ଼ମିଶନ ସମୟରେ ଆବଶ୍ୟକ ସହାୟତା କରିଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ, ମହେଶ୍ୱର ସେହି ଦିନ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଶୋକସନ୍ତପ୍ତ ପରିବାରବର୍ଗ ମୃତଦେହକୁ ସ୍ଥାନାନ୍ତର କରିବା ପାଇଁ ଆର୍ଥିକ ଚାପରେ ଥିଲେ ଏବଂ ଓଡ଼ିଶା-ମୋ ପରିବାର, ରାଜ୍ୟ ସଂଯୋଜକ ଶ୍ରୀ ନୀଳମଣି ପଟ୍ଟନାୟକଙ୍କ ସହାୟତା ଲୋଡ଼ିଥିଲେ। ଶ୍ରୀ ପଟ୍ଟନାୟକଙ୍କ ସହଯୋଗରେ ଡାକ୍ତରଖାନାରୁ ମୃତ ଦେହକୁ ଗଞ୍ଜାମରେ ଥିବା ତାଙ୍କ ବାସଭବନକୁ ସ୍ଥାନାନ୍ତରିତ କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା ଏବଂ ସମସ୍ତ ପ୍ରକ୍ରିୟାକୁ ସୋମନାଥ ସଂଯୋଜନା କରିଥିଲେ।

# ବିଶାଖାପାଟଣାରୁ ଗଞ୍ଜାମକୁ ମୃତଦେହ ସ୍ଥାନାନ୍ତରଣ

ଗଞ୍ଜାମ ଜିଲ୍ଲାର ୧୪ ବର୍ଷୀୟ ବାଳକ ବାବାଜୀ ବେହେରା ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଜରୁରୀକାଳୀନ ଚିକିତ୍ସା ପାଇଁ ଏମ୍.କେ.ସି.ଜି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ବାବାଜୀଙ୍କ ପରବର୍ତ୍ତୀ ଚିକିତ୍ସା ପାଇଁ ତାଙ୍କୁ ଭାଇଜାଗସ୍ଥିତ ଅନୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା।



ମୃତଦେହ ସ୍ଥାନାନ୍ତରଣ ପାଇଁ ଯାତାୟାତ ସହାୟତା

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା, ବାବାଜୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ । ଦୁର୍ଭାଗ୍ୟବଶତଃ, ଚିକିତ୍ସା ସମୟରେ ବାବାଜୀ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ।

ପୁଅର ଦେହାନ୍ତ ଖବର ପାଇ ପରିବାରବର୍ଗ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ନିଜ ଗାଁ କୁ ଫେରିବା ପାଇଁ ସମ୍ବଳ ନଥିବାରୁ ପରିବାର ଲୋକେ ଅସହାୟ ହୋଇ ପ୍ରକାଶଙ୍କୁ ଜଣାଇଥିଲେ । ପୋଷ୍ଟମର୍ଟମ ସମୟରେ ପ୍ରକାଶ ଆବଶ୍ୟକ ଥିବା ଆନୁଷଙ୍ଗିକ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ଏବଂ ବାବାଜୀଙ୍କ ମୃତଦେହକୁ ଗଞ୍ଜାମକୁ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିରଳ ଶ୍ରେଣୀର ରକ୍ତ ପ୍ରଦାନ



ରୋଗୀଙ୍କ ପତ୍ନୀ ରକ୍ତ ୟୁନିଟ୍ ଗ୍ରହଣ କରୁଛନ୍ତି


ଦୀର୍ଘ ଦିନ ଧରି ଯକୃତ ରୋଗରେ ପୀଡ଼ିତ କୋରାପୁଟ ଜିଲ୍ଲା ଜୟପୁରର ୪୭ ବର୍ଷିୟ ବାସିନ୍ଦା ଦୀପକ ରାଉତଙ୍କୁ ଚିକିତ୍ସା ପାଇଁ ଶହୀଦ ଲକ୍ଷ୍ମଣ ନାୟକ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଡାକ୍ତରଖାନାରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ । ଚିକିତ୍ସା ସମୟରେ ରୋଗୀଙ୍କର ବିରଳ AB+ve ରକ୍ତର ଜରୁରୀ ଆବଶ୍ୟକତା ଥିଲା, ଯାହା ପରିବାର ବର୍ଗ ଯୋଗାଡ଼ କରିବାରେ ଅସମର୍ଥ ହୋଇ ବୈକୁଣ୍ଠଙ୍କର ସାହାଯ୍ୟ ଲୋଡ଼ିଥିଲେ। ଖବର ପାଇ ବୈକୁଣ୍ଠ ଉପଯୁକ୍ତ ସମୟରେ ରୋଗୀଙ୍କ ପାଇଁ ଆବଶ୍ୟକ ରକ୍ତ ଯୋଗାଇ ଦେଇଥିଲେ ।

ଭୁବନେଶ୍ୱରର ୫୦ ବର୍ଷିୟା ବାସିନ୍ଦା କଳ୍ପନା ହେମ୍ବ୍ରମ, ସ୍ତ୍ରୀ ରୋଗରେ ପୀଡ଼ିତ ହୋଇ ଡାକ୍ତରଙ୍କ ପରାମର୍ଶ ପାଇଁ କ୍ୟାପିଟାଲ୍ ହସ୍ପିଟାଲକୁ ଯାଇଥିଲେ।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ରଞ୍ଜନ ସାହୁ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିଥିଲେ । ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ରୋଗୀଙ୍କୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଚିକିତ୍ସା ସମୟରେ ରୋଗୀଙ୍କୁ ବିରଳ AB+ve ରକ୍ତର ଆବଶ୍ୟକତା ଥିଲା ଯାହା ପରିବାରବର୍ଗ ଯୋଗାଡ଼ କରି ପାରିନଥିଲେ । ଏହି ବିଷୟରେ ଆଲୋକ ଖବର ପାଇବା ପରେ ରୋଗୀଙ୍କୁ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରି ଦେଇଥିଲେ ।


ରୋଗୀଙ୍କ ଝିଅ ରକ୍ତ ୟୁନିଟ୍ ଗ୍ରହଣ କରୁଛନ୍ତି


ରୋଗୀଙ୍କ ପତ୍ନୀ ରକ୍ତ ୟୁନିଟ୍ ଗ୍ରହଣ କରୁଛନ୍ତି

ପାକସ୍ଥଳୀ କର୍କଟ ରୋଗରେ ପୀଡ଼ିତ କେନ୍ଦ୍ରାପଡା ଜିଲ୍ଲାର ୫୬ ବର୍ଷିୟ ଅଭୟ କୁମାର ଜେନାଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ଦୀପ ରଥ ରୋଗୀଙ୍କ ପାଖରେ ଉପସ୍ଥିତ ରହି ଆଡ଼ମିଶନ ସମୟରେ ଆବଶ୍ୟକୀୟ ସହାୟତା ପ୍ରଦାନ କରିଥିଲେ ଏବଂ ନିୟମିତ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ । ଚିକିତ୍ସା ସମୟରେ ରୋଗୀଙ୍କୁ ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା । ସୂଚନା ପାଇବା ପରେ ସନ୍ଦୀପ ରୋଗୀଙ୍କ ପାଇଁ ଆବଶ୍ୟକ ରକ୍ତ ବ୍ୟବସ୍ଥା କରିଥିଲେ।

# ହେଲ୍ପଡେସ୍କ ସହଯୋଗୀମାନଙ୍କ ଦ୍ୱାରା କରାଯାଇଥିବା ପ୍ରମୁଖ ସହାୟତା

## ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ମାଧ୍ୟମରେ ସହାୟତା


ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ହିମାଂଶୁ

ଜରାୟୁ ସମସ୍ୟାରେ ପୀଡିତ କଳାହାଣ୍ଡି ଜିଲ୍ଲାର ୧୦ ବର୍ଷୀୟ ବାଳକ ସୁମିତ ସୁନାନିଙ୍କୁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା।

ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ହିମାଂଶୁ ନାୟକ ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ଏବଂ ନିର୍ଦ୍ଦିଷ୍ଟ ପରୀକ୍ଷଣରେ ସାହାଯ୍ୟ କରିଥିଲେ । ପରବର୍ତ୍ତୀ ଚିକିତ୍ସା ପାଇଁ ରୋଗୀଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ଯିବା ପାଇଁ ପରାମର୍ଶ ଦିଆଯାଇଥିଲା । ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସୁମିତଙ୍କ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ମଧ୍ୟ ହିମାଂଶୁ ସହାୟତା ଯୋଗାଇ ଦେଇଥିଲେ ।

ସୋନପୁର ଜିଲ୍ଲାର ୧୭ ବର୍ଷର ବାଳକ ଆଶୁତୋଷ କଅଁର ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇ, ଚିକିତ୍ସା ପାଇଁ ଭୁବନେଶ୍ୱରର ଏମ୍ସରେ ଭର୍ତ୍ତି ହୋଇଥିଲେ । ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ରୋଗୀଙ୍କ ପାଖରେ ଉପସ୍ଥିତ ରହି ନିର୍ଦ୍ଦିଷ୍ଟ ପରୀକ୍ଷଣରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ । ପରବର୍ତ୍ତୀ ଚିକିତ୍ସା ପାଇଁ ରୋଗୀଙ୍କୁ ପୁନଃ ଆଡ଼ମିଶନ କରିବାକୁ ପରାମର୍ଶ ଦିଆଯାଇଥିଲା। ସୋମନାଥ ତାଙ୍କ ପିତାମାତାଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ସାହାଯ୍ୟ କରିଥିଲେ ।


ଚିକିତ୍ସାଧୀନ ଅବସ୍ଥାରେ ରୋଗୀ



ରୋଗୀଙ୍କ ସହିତ ହେଲ୍ପଡ଼େସ୍କ ସହଯୋଗୀ ପ୍ରକାଶ

କର୍ଣ୍ଣ, ନାସା ଓ ଗଳା ସମ୍ବନ୍ଧୀୟ ସମସ୍ୟାରେ ପୀଡ଼ିତ ଗଞ୍ଜାମ ଜିଲ୍ଲାର ୫୬ ବର୍ଷୀୟ ବାସିନ୍ଦା ବୃନ୍ଦାବନ ସାହୁଙ୍କୁ ଭାଇଜାଗସ୍ଥିତ ମେଡ଼ିକଭର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।


ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶ ବେହେରା ରୋଗୀଙ୍କୁ ଡାକ୍ତରଙ୍କ ପରାମର୍ଶ ନେବାରେ ଏବଂ ନିର୍ଦ୍ଦିଷ୍ଟ ପରୀକ୍ଷଣରେ ସାହାଯ୍ୟ କରିଥିଲେ। ରୋଗୀଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ କାଗଜପତ୍ର ପୂରଣ ପ୍ରକ୍ରିୟାରେ ମଧ୍ୟ ସାହାଯ୍ୟ କରିବା ସହିତ ରୋଗୀ ସୁସ୍ଥ ହୋଇ ଡିସ୍ଚାର୍ଜ ହେବା ପର୍ଯ୍ୟନ୍ତ ପ୍ରକାଶ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ପଚାରି ବୁଝୁଥିଲେ ।

# 'ଜୀବନବିନ୍ଦୁ' ରକ୍ତଦାନ କାର୍ଯ୍ୟକ୍ରମ

ଓଡିଶା-ମୋ ପରିବାର, 'ଜୀବନବିନ୍ଦୁ' କାର୍ଯ୍ୟକ୍ରମ ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ଼ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ବ୍ଲଡ଼ ବ୍ୟାଙ୍କଗୁଡିକର କ୍ଷମତା, ବର୍ତ୍ତମାନର ଷ୍ଟକ୍ ଏବଂ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଗତ ଫେବୃଆରୀ ମାସରେ ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ସମୁଦାୟ **୩୫୬୩** ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।




ଜିଲ୍ଲା ସ୍ତରରେ ହୋଇଥିବା ରକ୍ତ ସଂଗ୍ରହ




ଶ୍ରେଷ୍ଠ ପ୍ରଦର୍ଶନକାରୀ

ଜିଲ୍ଲା ସଂଯୋଜକ

ଫେବୃଆରୀ ୨୦୨୪



ଶ୍ରୀ ଗୋରହରି ମିଶ୍ର

ବରଗଡ଼ | ୭୦୫ ୟୁନିଟ୍



ଶ୍ରୀ ରଞ୍ଜନ ବିଶ୍ୱାଳ

କଟକ (ନଗର) | ୬୧୫ ୟୁନିଟ୍



ଶ୍ରୀ ସୁବାସ ମହାରଣା

ଗଞ୍ଜାମ | ୫୩୭ ୟୁନିଟ୍

# ରକ୍ତପାଇଁ ଡାଏଲ୍ କିମ୍ବା ଟୁଇଟ୍ କରନ୍ତୁ

ଠିକ୍ ସମୟରେ ଯୋଗାଇ ଦିଆଯାଇଥିବା ରକ୍ତ ମୂଲ୍ୟବାନ ଜୀବନ ରକ୍ଷା କରେ । ଓଡ଼ିଶା-ମୋ ପରିବାର ଏହାର "ବ୍ଲଡ଼ ପାଇଁ ଡାଏଲ୍/ଟ୍ୱିଟ" ଇ-ସର୍ଭିସ ପ୍ଲାଟଫର୍ମ ଜରିଆରେ ରକ୍ତ ପାଇଁ ଆସୁଥିବା ଅନୁରୋଧକୁ ଡିଜିଟାଲ ଫୋରମ ମାଧ୍ୟମରେ ପୂରଣ କରୁଛି । ଗତ ଫେବୃଆରୀ ମାସରେ 'ଓଡ଼ିଶା-ମୋ ପରିବାର' ଜରୁରୀକାଳୀନ ପରିସ୍ଥିତିରେ **୧୨୩** ଜଣଙ୍କୁ ରକ୍ତ ଯୋଗାଇ ଦେଇଛି । ଯେଉଁମାନଙ୍କ ମଧ୍ୟରୁ **୧୭** ଜଣଙ୍କୁ ବିରଳ ରକ୍ତ ଯୋଗାଇ ଦିଆଯାଇଛି।

| କ୍ର.ସଂଖ୍ୟା | ରୋଗୀଙ୍କ ନାମ | ବୟସ | ପ୍ରଦାନ କରାଯାଇଥିବା ରକ୍ତ ୟୁନିଟ୍ | ଗ୍ରୁପ୍ | ସ୍ଥାନ |
|---|---|---|---|---|---|
| ୧ | ରାମ ହରିଜନ | 37 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ଏଲ୍.ଏମ.ସି.ଏଚ୍ କୋରାପୁଟ |
| ୨ | ସନାତନ ପାତ୍ର | 73 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ସମ୍ ହସ୍ପିଟାଲ, ଭୁବନେଶ୍ୱର |
| ୩ | ତୁଲା ଗୋଲାରି | 37 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ଏଲ୍.ଏମ.ସି.ଏଚ୍ କୋରାପୁଟ |
| ୪ | ବାସନ୍ତୀ ମହାନ୍ତି | 50 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି., କଟକ |
| ୫ | ନାଗେଶ୍ୱର ଦୋରା | 61 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | A- | ସମ୍ ହସ୍ପିଟାଲ, ଭୁବନେଶ୍ୱର |
| ୬ | ସୁନେରା ବିବି | 54 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି., କଟକ |
| ୭ | ବସନ୍ତ ବେହେରା | 77 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି., କଟକ |
| ୮ | ଅମରେନ୍ଦ୍ର ମଲ୍ଲିକ | 21 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏମ୍ସ, ଭୁବନେଶ୍ୱର |
| ୯ | ଗୌରୀ ଗୌଡ଼ | 21 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | B- | ଏମ୍.କେ.ସି.ଜି. ବ୍ରହ୍ମପୁର |
| ୧୦ | ନିରୁପମା ଦାସ | 74 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି., କଟକ |
| ୧୧ | କଳ୍ପନା ହେଂବ୍ରମ | 50 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କ୍ୟାପିଟାଲ ହସ୍ପିଟାଲ |
| ୧୨ | ଆର୍ତତ୍ରାଣ ସାହୁ | 72 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି., କଟକ |
| ୧୩ | ତିଳୋତ୍ତମା ପ୍ରଧାନ | 56 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ସି.ବି., କଟକ |
| ୧୪ | ଅଭୟ କୁମାର ଜେନା | 56 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | O- | ଏସ୍.ସି.ବି., କଟକ |
| ୧୫ | ଦୀପକ ରାଉତରାୟ | 47 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏସ୍.ଏଲ୍.ଏମ.ସି.ଏଚ୍ କୋରାପୁଟ |
| ୧୬ | ସୁଦର୍ଶନ ମେକାପ | 54 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | କ୍ୟାପିଟାଲ ହସ୍ପିଟାଲ |
| ୧୭ | ବୁଦ୍ଧିଆ ନାୟକ | 60 ବର୍ଷ | ୧ ୟୁନିଟ୍ ରକ୍ତ ପ୍ରଦାନ | AB+ | ଏମ୍.କେ.ସି.ଜି. ବ୍ରହ୍ମପୁର |

# ସ୍ୱତନ୍ତ୍ର ରକ୍ତଦାନ ଶିବିର

ଓଡ଼ିଶା-ମୋ ପରିବାର, 'ଜୀବନବିନ୍ଦୁ' ମାଧ୍ୟମରେ ସାରା ରାଜ୍ୟରେ ରକ୍ତଦାନ ଶିବିର ଆୟୋଜନ କରି ଡାକ୍ତରଖାନାରେ ଆବଶ୍ୟକ ପଡୁଥିବା ରକ୍ତ ପାଇଁ ସମସ୍ତ ବ୍ଲଡ଼ ବ୍ୟାଙ୍କରେ ସଠିକ୍ ଷ୍ଟକ୍ ବଜାୟ ରଖୁଛି । ଏହି ପଦକ୍ଷେପ କେବଳ ରାଜ୍ୟ ନୁହେଁ ରାଜ୍ୟ ବାହାରେ ମଧ୍ୟ ପ୍ରଶଂସନୀୟ। ଦିଲ୍ଲୀର ପ୍ରମୁଖ ଓଡ଼ିଆ ସଂଗଠନ, ଓଡ଼ିଆ କଲଚରାଲ ଏବଂ ୱେଲଫେୟାର ଆସୋସିଏସନ୍, ଭାରତୀୟ ରେଡ଼କ୍ରସ ସୋସାଇଟି ଓ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅନୁପ୍ରାଣିତ ସାମାଜିକ ଅନୁଷ୍ଠାନ ଓଡ଼ିଶା- ମୋ ପରିବାର ମିଳିତ ଆନୁକୂଲ୍ୟରେ ଦିଲ୍ଲୀର ୱେଷ୍ଟପଟେଲ ନଗରସ୍ଥିତ ରଣଜିତ୍ ନଗରଠାରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରକୁ ଓଡ଼ିଶା- ମୋ ପରିବାରର ଉପଦେଷ୍ଟା ଶ୍ରୀ ବିବେକାନନ୍ଦ ପଟ୍ଟନାୟକ ସଂଯୋଜନା କରିଥିଲେ।





# ଓଡ଼ିଶା-ମୋ ପରିବାର ଜରିଆରେ କୃତ୍ରିମ ଅଙ୍ଗ ପ୍ରଦାନ







୧ କଟକ ଜିଲ୍ଲା ଆଠଗଡ ଅଞ୍ଚଳର ୫୨ ବର୍ଷିୟ ବିଶ୍ୱନାଥ ବାରିକ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯାହା ଫଳରେ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗି ସଂକ୍ରମଣ ହୋଇ ଯାଇଥିଲା । ଦୁର୍ଭାଗ୍ୟବଶତଃ, ତାଙ୍କ ଡାହାଣ ଗୋଡ଼ର ଆଣ୍ଠୁ ଉପରକୁ କାଟି ଦିଆଯାଇଥିଲା । ସେ ପୂର୍ବରୁ କୌଣସି କୃତ୍ରିମ ଗୋଡ଼ ବ୍ୟବହାର କରିନଥିଲେ ।

ଓଡ଼ିଶା- ମୋ ପରିବାର ଦ୍ୱାରା କୃତ୍ରିମ ଗୋଡ଼ ଯୋଗାଣ ବିଷୟରେ ଜାଣିବାକୁ ପାଇବା ପରେ ସେ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହାୟତା ଲୋଡ଼ିଥିଲେ। ଶ୍ରୀ ସ୍ୱାଇଁଙ୍କଠାରୁ ସୂଚନା ପାଇବା ପରେ ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ବିଶ୍ୱନାଥଙ୍କୁ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି କୃତ୍ରିମ ଗୋଡ ଯୋଗାଇ ଦିଆଯାଇଥିଲା। ବିଶ୍ୱନାଥ ଏହି ସାହାଯ୍ୟ ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଶ୍ରୀ ରାଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଓଡିଶା-ମୋ ପରିବାରକୁ କୃତଜ୍ଞତା ଜ୍ଞାପନ କରିଥିଲେ ।

୨ ଭୁବନେଶ୍ୱରର ୨୪ ବର୍ଷିୟ ଅଜିତ କୁମାର ସ୍ୱାଇଁ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ଯାହାଫଳରେ ତାଙ୍କ ଡାହାଣ ପାଦରେ ଗଭୀର ଆଘାତ ଲାଗି ପାଦଟି କଟା ଯାଇଥିଲା।

ସେ ପୂର୍ବରୁ କୃତ୍ରିମ ଗୋଡ଼ ବ୍ୟବହାର କରିଥିଲେ କିନ୍ତୁ ତାହା ପିନ୍ଧିବାରେ ଯନ୍ତ୍ରଣାଦାୟକ ଥିଲା । ଓଡ଼ିଶା-ମୋ ପରିବାର ଦ୍ୱାରା କୃତ୍ରିମ ଗୋଡ଼ ଯୋଗାଣ ବିଷୟରେ ଜାଣିବା ପରେ ସେ ଯୁଗ୍ମ ସମ୍ପାଦକ ଶ୍ରୀ ରୁଦ୍ର ସାମନ୍ତରାୟଙ୍କୁ ଏକ କୃତ୍ରିମ ଗୋଡ଼ ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ପରେ, ଓଡ଼ିଶା-ମୋ ପରିବାର ପକ୍ଷରୁ ତୁରନ୍ତ ପଦକ୍ଷେପ ନିଆଯାଇ ଅଜିତଙ୍କୁ କ୍ୟାପିଟାଲ ହସ୍ପିଟାଲ ପରିସରଭୁକ୍ତ ଏ.ଆର.ସି ସହିତ ସମନ୍ୱୟ ରକ୍ଷା କରି କୃତ୍ରିମ ଗୋଡ଼ ଯୋଗାଇ ଦିଆଯାଇଥିଲା। ଏଥିପାଇଁ ଅଜିତ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ଓଡିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଇଥିଲେ ।






# ଓଡ଼ିଶା-ମୋ ପରିବାର ଦ୍ୱାରା କର୍କଟ ରୋଗୀଙ୍କୁ ସହାୟତା

କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ, ଏକ ସ୍ୱେଚ୍ଛାସେବୀ ସଂଗଠନ ସହିତ ମିଳିତ ଭାବରେ ଓଡ଼ିଶା ମୋ ପରିବାର ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲକୁ ରେଫର୍ ହୋଇଥିବା କର୍କଟ ରୋଗୀଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟ ଯୋଜନା, ଡାକ୍ତରଖାନାରେ କାଗଜପତ୍ର ପ୍ରକ୍ରିୟାରେ ସହାୟତା, ଚିକିତ୍ସା ପାଇଁ ଆଭ୍ୟନ୍ତରୀଣ ସମନ୍ୱୟ ରକ୍ଷା କରିବା ସହିତ ରୋଗୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ଡାକ୍ତରଖାନା ନିକଟରେ ସୁଲଭ ମୂଲ୍ୟରେ ରହିବା ପାଇଁ ବ୍ୟବସ୍ଥା କରାଇ ଦେଇଥାଏ ।

ଜ୍ଞାନ ମହାନ୍ତି, ରଞ୍ଜିତ ମଙ୍ଗରାଜ ଏବଂ ସାଧନା ପ୍ରଧାନ ଯେଉଁମାନେକି ଭିନ୍ନ ଭିନ୍ନ କର୍କଟ ରୋଗରେ ପୀଡ଼ିତ ସେମାନଙ୍କୁ ଚିକିତ୍ସା ପାଇଁ ନୂତନ ପଞ୍ଜିକରଣ, ଡାକ୍ତରଙ୍କ ପରାମର୍ଶରେ ଏବଂ ଆବଶ୍ୟକୀୟ ଡାକ୍ତରୀ ପରୀକ୍ଷାରେ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ୍ ର ସ୍ୱେଚ୍ଛାସେବୀମାନେ ସହାୟତା ପ୍ରଦାନ କରିଥିଲେ ।

ଗତ ଫେବୃଆରୀ ମାସରେ ଓଡ଼ିଶା-ମୋ ପରିବାର ୧୯ ଜଣ କର୍କଟ ରୋଗୀଙ୍କୁ ସହାୟତା କରିଥିଲା ତନ୍ମଧ୍ୟରୁ ୧୦ ଜଣ କର୍କଟ ରୋଗୀଙ୍କୁ ମୁମ୍ବାଇସ୍ଥିତ ଟାଟା ମେମୋରିଆଲକୁ ରେଫର୍ କରାଯାଇଥିଲା ଏବଂ ଜଣଙ୍କୁ ଅନ୍-ଲାଇନ୍ ଜରିଆରେ ଦ୍ୱିତୀୟ ପରାମର୍ଶ ନେବାରେ ସାହାଯ୍ୟ କରାଯାଇଥିଲା । ମୁମ୍ବାଇସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ କାର୍ଯ୍ୟରତ କୋଣାର୍କ କ୍ୟାନ୍ସର ଫାଉଣ୍ଡେସନର ସ୍ୱେଚ୍ଛାସେବୀମାନେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ନିୟମିତ ପଚାରି ବୁଝୁଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯାଉଛି ।




ଶ୍ରୀମତୀ ଅଞ୍ଜଳି ଦାସ




ଶ୍ରୀମତୀ ସବିତା ପୃଷ୍ଟି



ଶ୍ରୀମତୀ ଲକ୍ଷ୍ମୀ ଅପାତ

କେମୋ ଥେରାପି ଚିକିତ୍ସା ପରେ ଆବଶ୍ୟକ ହେଉଥିବା କୃତ୍ରିମ ସ୍ତନ ଏବଂ କୃତ୍ରିମ କେଶ ଇତ୍ୟାଦି କୋଣାର୍କ କ୍ୟାନ୍ସର ଫାଉଣ୍ଡେସନ ପକ୍ଷରୁ ଶ୍ରୀମତୀ ଅଞ୍ଜଳି ଦାସ, ଶ୍ରୀମତୀ ସବିତା ପୃଷ୍ଟି ଏବଂ ଶ୍ରୀମତୀ ଲକ୍ଷ୍ମୀ ଅପାତଙ୍କୁ ଯୋଗାଇଦିଆଯାଇଛି ।



## ଫେବୃଆରୀ ମାସର ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ

### ସନ୍ତୋଷ କୁମାର ଦାସ

ରାଜ୍ୟର ପ୍ରମୁଖ ଡାକ୍ତରଖାନା ଗୁଡ଼ିକରେ ଅବସ୍ଥାପିତ ହେଲ୍ପଡେସ୍କ ସହଯୋଗୀ ମାନେ ହେଉଛନ୍ତି ସଂଗଠନର ଆଗଧାଡ଼ିର କର୍ମଚାରୀ, ଯେଉଁମାନେ ଡାକ୍ତରଖାନା ଗୁଡ଼ିକରେ ଅଭାବୀ ଲୋକମାନଙ୍କୁ ସାହାଯ୍ୟ କରି ସଂଗଠନର ଦୃଷ୍ଟିକୋଣ ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି।

ହସ୍ପିଟାଲରେ ଆବଶ୍ୟକ ଚିକିତ୍ସା ସହାୟତା ଯୋଗାଇ ଦେବା ବ୍ୟତୀତ ସେମାନେ ରୋଗୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ସେମାନଙ୍କ କଠିନ ସମୟରେ ନୈତିକ ସହାୟତା ପ୍ରଦାନ କରନ୍ତି। ଏସ୍.ସି.ବି. ମେଡ଼ିକାଲ କଲେଜ ହସ୍ପିଟାଲରେ ଥିବା ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ କୁମାର ଦାସଙ୍କୁ ଗତମାସର "ଶ୍ରେଷ୍ଠ ହେଲ୍ପଡେସ୍କ ସହଯୋଗୀ" ଭାବରେ ବିବେଚିତ କରାଯାଇଛି।



# ଜୀବନବିନ୍ଦୁ କାର୍ଯ୍ୟକ୍ରମ

"କରିବା ରକ୍ତଦାନ ବଞ୍ଚାଇବା ଜୀବନ"




କଟକ



ବରଗଡ଼



ଗଞ୍ଜାମ



ଯାଜପୁର



ବାଲେଶ୍ୱର



ଭୁବନେଶ୍ୱର



# ଜୀବନବିନ୍ଦୁ କାର୍ଯ୍ୟକ୍ରମ

"କରିବା ରକ୍ତଦାନ ବଞ୍ଚାଇବା ଜୀବନ"



ସୁବର୍ଣ୍ଣପୁର



ଅନୁଗୋଳ



କଳାହାଣ୍ଡି



ଦେବଗଡ଼



ଖୋର୍ଦ୍ଧା



ଦିଲ୍ଲୀ



ବଲାଙ୍ଗିର


କନ୍ଧମାଳ


# ସାମାଜିକ/ଡିଜିଟାଲ ଗଣମାଧ୍ୟମରେ ଓଡ଼ିଶା-ମୋ ପରିବାର


Biju Janata Dal
@bjd_odisha · Follow
ବେଙ୍ଗାଲୁରୁରେ ରହୁଥିବା କେନ୍ଦ୍ରାପଡ଼ାର ଯୁବକ ଶ୍ରୀକାନ୍ତ କୁମାର ମହାନ୍ତିଙ୍କ ଦେହାନ୍ତ ପରେ @MoParivarOdisha ପକ୍ଷରୁ ତାଙ୍କ ମୃତଦେହ ଓଡ଼ିଶା ଅଣାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ସହ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କଠିନ ପରିସ୍ଥିତିରେ ବିପନ୍ନ ଓଡ଼ିଆଙ୍କ ସହାୟତା କରି ଉଦାହରଣ ସୃଷ୍ଟି କରୁଛି ଓଡ଼ିଶା-ମୋ ପରିବାର।...



Sanjay Dalai
@SanjayDalai14 · Follow
Glad to inform Manas has rtnd home 4m Malaysia 🇲🇾 .Thanks to office of Mr BJ Panda @Panda_Odia @PandaJay @globalodia @MoParivarOdisha @AnubhavMohanty_ @meaindia1 4 help.

@CMO_Odisha @PMOIndia @meaindia @DrSJaishankar @spkendrapara @dmkendrapara @kanak_news @ArgusNews_in @otvnews



Nayak Satya
@NayakSatya_SG · Follow
Thank you @MoParivarOdisha you given a new life 🙏

ସାତ ବର୍ଷ ପରେ ମାଲେସିଆରୁ ଫେରିଲେ ଓଡିଆ ଶ୍ରମିକ ତାରାକାନ୍ତ ମଲ୍ଲିକ । କାମ କରିବାକୁ ଯାଇ ଦଲାଲ ରଖିଦେଲା ଅଟକ । ପାସପୋର୍ଟ ନେଇଯାଇଥିବାରୁ ଘରକୁ ଫେରିବା ହୋଇ ପଡିଥିଲା କଷ୍ଟ ।

@BBSRBuzz #odia #odisha

















# ଆପଣଙ୍କ ମୁହଁରୁ

ମୁଁ ମୋର ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପାଇଁ ଭବାନୀପାଟଣା ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲି । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଅବିନାଶଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ମୋତେ ଡାକ୍ତରଙ୍କ ପରାମର୍ଶ ନେବାରେ ସାହାଯ୍ୟ କରିବା ସହିତ କାଉଣ୍ଟରରୁ ଔଷଧ ପାଇବାରେ ସାହାଯ୍ୟ କରିଥିଲେ ।



**ଜାନକୀ ନାୟକ**
କଳାହାଣ୍ଡି, ୭୯୭୮୦୮୭୩୮୯

ମୋ ଭାଇ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ହସ୍ପିଟାଲରୁ ମୃତ ଦେହକୁ ଗଞ୍ଜାମ ସ୍ଥାନାନ୍ତର କରିବା ପାଇଁ ଆବଶ୍ୟକ ବ୍ୟବସ୍ଥା କରିଥିଲେ।



**ଜିତୁ ଦାସ**
ଗଞ୍ଜାମ, ୯୩୩୭୭୯୬୨୬୮

ମୋ ପୁଅ ବିଶାଖାପାଟଣାସ୍ଥିତ ମେଡ଼ିକଭର ହସ୍ପିଟାଲରେ ଭର୍ତ୍ତି ହୋଇଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ପ୍ରକାଶଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକୀୟ ସହାୟତା ଯୋଗାଇ ଦେଇଥିଲେ ।



**ମନୋଜ ଦେ**
କୋରାପୁଟ, ୯୩୩୭୦୯୨୯୦୫

ମୋ ବାପାଙ୍କ ମେରୁଦଣ୍ଡ ଅସ୍ତ୍ରୋପଚାର ପାଇଁ, ସେ ବାରିପଦାସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ, ଯେଉଁଠାରେ ରକ୍ତର ଜରୁରୀ ଆବଶ୍ୟକତା ଥିଲା ଯାହା ମୁଁ ବ୍ୟବସ୍ଥା କରି ପାରୁନଥିଲି । ସଠିକ୍ ସମୟରେ ରକ୍ତ ଯୋଗାଡ଼ କରି ଦେଇଥିବାରୁ ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡ଼େସ୍କ ସହଯୋଗୀ ଶୁଭମ୍ ଭଞ୍ଜଙ୍କୁ ଧନ୍ୟବାଦ ଜଣାଉଛି ।



**ଲୀଳାବତୀ ବେହେରା**
ବାରିପଦା, ୮୨୬୦୭୭୧୪୮୨

ମଧୁମେହ ରୋଗରେ ପୀଡ଼ିତ ମୋ ମାଙ୍କୁ ହାଇ-ଟେକ୍ ମେଡିକାଲରେ ଭର୍ତ୍ତି କରାଯାଇଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବିକାଶ ବେହେରାଙ୍କୁ ଧନ୍ୟବାଦ ଜଣାଉଛି ଯିଏ ଆମକୁ ଚିକିତ୍ସା ସମୟରେ ସାହାଯ୍ୟ କରିବା ସହିତ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ଚିକିତ୍ସା ପାଇଁ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ ।



**ପବିତ୍ର ବେହେରା**
ଖୋର୍ଦ୍ଧା, ୭୬୦୯୮୪୯୫୦୧

ମୋ ସ୍ୱାମୀ କୋରାପୁଟ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲରେ ଭର୍ତ୍ତି ହୋଇଥିବା ସମୟରେ ବିରଳ AB+ve ରକ୍ତର ଜରୁରୀ ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ବୈକୁଣ୍ଠ ମଣ୍ଡଳଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏ ସଠିକ୍ ସମୟରେ ଏକ ୟୁନିଟ୍ ରକ୍ତ ବ୍ୟବସ୍ଥା କରିବା ସହିତ ଡାକ୍ତରଖାନାରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ |



**ମଞ୍ଜୁ ରାଉତରାୟ**
କୋରାପୁଟ, ୯୬୯୨୯୪୭୯୧୬

କର୍କଟ ରୋଗରେ ପୀଡ଼ିତ ମୋ ଭାଇଙ୍କୁ ଚିକିତ୍ସା ପାଇଁ କଟକସ୍ଥିତ ଆଚାର୍ଯ୍ୟ ହରିହର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଯେଉଁଠାରେ ରକ୍ତର ଜରୁରୀ ଆବଶ୍ୟକତା ଥିଲା । ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସନ୍ତୋଷ ଦାସଙ୍କୁ ଧନ୍ୟବାଦ ଜଣାଉଛି, ଯିଏ ତୁରନ୍ତ ରକ୍ତ ଯୋଗାଡ଼ କରି ଦେଇଥିଲେ।



**ରାକେଶ**
ଜଗତସିଂହପୁର, ୯୧୭୮୪୨୬୩୩୩

କଟକ ବଡ଼ ମେଡ଼ିକାଲରେ ମୋ ସ୍ୱାମୀଙ୍କ ଚିକିତ୍ସା ଚାଲିଥିବା ସମୟରେ, ବିରଳ O-ve ରକ୍ତର ଜରୁରୀ ଆବଶ୍ୟକତା ଥିଲା । ଉପଯୁକ୍ତ ସମୟରେ ମୋ ସ୍ୱାମୀଙ୍କ ପାଇଁ ଏକ ୟୁନିଟ୍ ରକ୍ତ ଯୋଗାଡ଼ କରିଥିବାରୁ ମୁଁ ସନ୍ଦୀପ ରଥଙ୍କୁ ଅଶେଷ କୃତଜ୍ଞତା ଜଣାଉଛି ।



**ସୌଦାମିନୀ ଜେନା**
କେନ୍ଦ୍ରାପଡା, ୮୮୯୫୭୪୭୫୯୯

ମୋ ମା'ଙ୍କ ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୁଁ ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ଆଲୋକ ରଞ୍ଜନ ସାହୁଙ୍କୁ ଅଶେଷ ଧନ୍ୟବାଦ ଜଣାଉଛି, ଯିଏ ମୋ ମା'ଙ୍କ ପାଇଁ ଏକ ୟୁନିଟ୍ ରକ୍ତ (PRBC) ଯୋଗାଡ଼ କରି ଦେବା ସହିତ ହସ୍ପିଟାଲରେ ଆବଶ୍ୟକୀୟ ଚିକିତ୍ସା ସହାୟତା ଯୋଗାଇ ଦେଇଥିଲେ ।



**ବାବୁଲ କେରେଇ**
ଭୁବନେଶ୍ୱର, ୬୩୭୧୮୯୦୬୩୭

ମୁଁ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲି, ଯାହା ଫଳରେ ମୋ ଡ଼ାହାଣ ଗୋଡ଼ରେ ଗଭୀର ଆଘାତ ଲାଗି ଆଣ୍ଠୁ ଉପରୁ କଟା ହୋଇଯାଇଥିଲା । ମୋର ଏକ କୃତ୍ରିମ ଗୋଡର ଆବଶ୍ୟକତା ଥିଲା । କୃତ୍ରିମ ଗୋଡ ପାଇବାରେ ମୋତେ ସାହାଯ୍ୟ କରିଥିବାରୁ ମୁଁ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଓଡ଼ିଶା-ମୋ ପରିବାରକୁ ଅଶେଷ ଧନ୍ୟବାଦ ଜଣାଉଛି।



**ବିଶ୍ୱନାଥ ବାରିକ**
କଟକ, ୯୯୩୭୨୯୯୪୪୪

# ଓଡ଼ିଶା-ମୋ ପରିବାର କାର୍ଯ୍ୟକ୍ରମ
## ଯୋଗାଯୋଗ ପାଇଁ ଜରୁରୀ ନମ୍ବର

### ଚକ୍ଷୁ ପରୀକ୍ଷା ଶିବିର

ଚକ୍ଷୁ ପରୀକ୍ଷା ଶିବିର କରିବା ଏବଂ ମୋତିଆବିନ୍ଦୁ ସମସ୍ୟାଥିବା ବ୍ୟକ୍ତିଙ୍କ ପାଇଁ ମାଗଣା ଅସ୍ତ୍ରୋପଚାର କରିବାରେ ସାହାଯ୍ୟ କରିବା

ମନସ୍ୱିନୀ ଦାଶ 8917400700
ଶ୍ରଦ୍ଧା ସୁଚିସ୍ମିତା 7978260364

### କୃତ୍ରିମ ଅଙ୍ଗ ପ୍ରଦାନ

ଅଭାବୀ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ଯୋଗାଇ ଦେବାରେ ସହାୟତା

ମନସ୍ୱିନୀ ଦାଶ 8917400700

### ଅଙ୍ଗଦାନ

NOTTO (ନ୍ୟାସନାଲ ଅର୍ଗାନ୍ ଆଣ୍ଡ ଟିସୁ ଟ୍ରାନ୍ସପ୍ଲାଣ୍ଟ ଅର୍ଗାନାଇଜେସନ୍) ର ସହଯୋଗରେ ଅଙ୍ଗଦାନ ଶିବିର ଆୟୋଜନ କରିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

### କ୍ୟାନସର ରୋଗୀଙ୍କୁ ସହାୟତା

କ୍ୟାନସର ରୋଗୀମାନଙ୍କୁ ସ୍ଥାନୀୟ ଏବଂ ମୁମ୍ବାଇ ସ୍ଥିତ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସାପାଇଁ ସଂଚାଳନ କରିବା

ଦେବଶ୍ରୀ ଦାସ
ରଜତ ଅଗ୍ରୱାଲ 7504986342

9437067

### ସହାୟତା ପାଇଁ ଟୁଇଟ୍

ସାମାଜିକ ଗଣମାଧ୍ୟମ ଜରିଆରେ ଲୋକଙ୍କ ପାଖରେ ପହଞ୍ଚି ସେମାନଙ୍କ ସମସ୍ୟାକୁ ସମାଧାନ କରିବାପାଇଁ ଯଥାସମ୍ଭବ ପ୍ରୟାସ

ମନସ୍ୱିନୀ ଦାଶ 8917400700

### ଦିବ୍ୟାଙ୍ଗ ଶିଶୁମାନଙ୍କୁ ସହାୟତା

୩ ରୁ ୧୪ ବର୍ଷର ଦିବ୍ୟଙ୍ଗ ଶିଶୁ ମାନଙ୍କୁ SIEP ରେ ଚିକିତ୍ସାର ବ୍ୟବସ୍ଥା କରାଇଦେବା

ମାନସୀ ରାୟ 9078151969
ଶ୍ରଦ୍ଧା ସୁଚିସ୍ମିତା 7978260364

### ଡିପୋଜିଟାରୀ

ଓଡ଼ିଶା-ମୋ ପରିବାର ଅନୁକୂଲ୍ୟରେ ଆୟୋଜନ ହେଉଥିବା କାର୍ଯ୍ୟକ୍ରମର ଗୁଡ଼ିକର ଫଟୋ ଏବଂ ଭିଡ଼ିଓ ପଠାଇବା ପାଇଁ

ବିଭୂତି କୁମାର ଭୋଇ 9040458180



## ପ୍ରବାସୀଙ୍କୁ ସହାୟତା

ପ୍ରବାସୀ ମାନଙ୍କ ବୟସ୍କ ମାତାପିତା ତଥା ପିଲାମାନଙ୍କର ହଠାତ୍ ସ୍ୱାସ୍ଥ୍ୟଗତ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସମସ୍ୟାରେ ଆମ ସ୍ୱେଚ୍ଛାସେବୀମାନଙ୍କ ଜରିଆରେ ସହାୟତା ପ୍ରଦାନ

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969

## ସ୍ୱାସ୍ଥ୍ୟସେବା

### ପ୍ରମୁଖ ଡାକ୍ତରଖାନାରେ ହେଲ୍ପଡେସ୍କ

**ଏସ୍.ସି.ବି.ମେଡ଼ିକାଲ, କଟକ**
ସନ୍ଦୀପ ରଥ - ୯୭୭୮୭୭୪୭୭୭
ସନ୍ତୋଷ କୁମାର ଦାସ - ୯୮୬୧୭୦୮୭୨୫
**କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱର**
ଆଲୋକ ରଞ୍ଜନ ସାହୁ - ୮୧୧୪୮୨୨୦୮୫
ଜ୍ୟୋତିରଞ୍ଜନ ପ୍ରଧାନ- ୯୮୬୧୩୦୬୦୯୬
**ସମ୍ ହସ୍ପିଟାଲ, ଭୁବନେଶ୍ୱର**
ଶିବ ପ୍ରସାଦ ରାଉତ - ୭୯୭୮୭୩୬୪୩୧
**ଏମ୍ସ, ଭୁବନେଶ୍ୱର**
ସୋମନାଥ ସ୍ୱାଇଁ - ୭୨୦୫୭୪୩୫୦୭
**ହାଇ-ଟେକ୍ ମେଡ଼ିକାଲ, ଭୁବନେଶ୍ୱର**
ବିକାଶ ବେହେରା - ୬୩୭୧୯୬୩୮୯୭
**ଡି.ଏଚ୍.ଏଚ୍. ଭବାନୀପାଟଣା**
ଅବିନାଶ ବାବୁ - ୯୯୦୧୪୪୬୪୯୮
ହିମାଂଶୁ ନାୟକ - ୯୧୭୮୭୨୧୧୯୭
**ଏସ୍.ଏଲ୍.ଏନ୍.ଏମ୍.ସି.ଏଚ୍., କୋରାପୁଟ**
ବୈକୁଣ୍ଠ ମଣ୍ଡଳ- ୮୭୬୩୭୩୦୫୮୭
**ଏମ୍.କେ.ସି.ଜି. ବ୍ରହ୍ମପୁର**
ଗିରିଜା ଶଙ୍କର ସତପଥୀ-୯୭୭୬୮୭୮୪୮୩
**ଭିମସାର, ବୁର୍ଲା**
ଧିରେନ୍ଦ୍ର ସୁନା- ୮୦୧୮୭୬୧୦୬୦
ନରେନ୍ଦ୍ର ସୁନା- ୯୩୩୭୯୫୯୬୩୪
**ଡି.ଏଚ୍.ଏଚ୍., ପୁରୀ**
ବିଶ୍ୱ ଭୂଷଣ ମହାନ୍ତି- ୯୩୩୭୬୦୦୭୭୫
**ବିଶାଖାପାଟଣା**
ପ୍ରକାଶ ବେହେରା-୯୭୦୧୯୯୪୮୬୮

**ଅଫିସ୍ ସଂଯୋଜକ**
ମନସ୍ୱିନୀ ଦାଶ - 8917400700

## ବି.ଏସ.କେ.ୱାଇ

ପଞ୍ଜିକୃତ ହୋଇଥିବା ହସ୍ପିଟାଲଗୁଡ଼ିକ ସହିତ ସଂଯୋଜନା ଏବଂ ବୈଷୟିକ ତ୍ରୁଟିରୁ ଉପୁଜୁଥିବା ସମସ୍ୟାଗୁଡ଼ିକର ସମାଧାନ କରି BSKY ରେ ଚିକିତ୍ସା ପାଇବାକୁ ଯୋଗ୍ୟ ହିତାଧିକାରୀମାନଙ୍କୁ ସାହାଯ୍ୟ ।

ସୁବ୍ରତ ପାତ୍ରିକା 9937699051
ମାନସୀ ରାୟ 9078151969

## ଜୀବନବିନ୍ଦୁ

ଅଭାବୀ ରୋଗୀଙ୍କୁ ବିରଳ ଗ୍ରୁପ୍ ରକ୍ତ ଯୋଗାଇବା ସହିତ ରକ୍ତଦାନ ସମ୍ବନ୍ଧୀୟ ବ୍ୟାପାର

ରଜତ ଅଗ୍ରୱାଲ 9437067999
ଚିତ୍ତ ରଂଜନ ମିଶ୍ର 8917400701

## ଏସ୍ ଓ ଏସ୍ (SOS)

ଅସହାୟ ଲୋକଙ୍କ ଜରୁରୀ କଲ୍ ପାଇ ସେମାନଙ୍କ ପାଖରେ ପହଞ୍ଚିବା

ମନସ୍ୱିନୀ ଦାଶ 8917400700
ମାନସୀ ରାୟ 9078151969